## ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 02-09-2025

ଗଜପତି(ଓଡିଶା) - :2025-09-02 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-09-03 | 2025-09-04 | 2025-09-05 | 2025-09-06 | 2025-09-07 |
|---|---|---|---|---|---|
| ବର୍ଷା (ମିମି) | 15.0 | 16.0 | 14.0 | 11.0 | 10.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 31.0 | 32.0 | 33.0 | 33.0 | 34.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 25.0 | 25.0 | 26.0 | 26.0 | 26.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 94 | 94 | 95 | 95 | 93 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 73 | 77 | 72 | 74 | 72 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 2 | 1 | 3 | 4 | 4 |
| ପବନର ଦିଗ (ଡିଗ୍ରୀ) | 329 | 90 | 286 | 287 | 287 |
| ମେଘାଛନ୍ନ (ଅକ୍ଟା) | 6 | 6 | 5 | 5 | 5 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ |

### ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘାଛନ୍ନ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୧.୦ ରୁ ୦୪.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୧.୦°ସେଲସିୟସ ରୁ ୩୪.୦°ସେଲସିୟସ ଏବଂ ୨୫.୦°ସେଲସିୟସ ରୁ ୨୬.୦°ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୩ ରୁ ୯୫ ଶତକଡା ଏବଂ ୭୨ ରୁ ୭୭ ଶତକଡା ମଧ୍ୟରେ ରହିପାରେ ।

### ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): - ପ୍ରବଳ ବର୍ଷା ଏବଂ ବିଜୁଳି ଓ ଘଡଘଡି ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି ।

**ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:**

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

**ସାଧାରଣ ଉପଦେଶ:**

| |
|---|
| ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୧.୩° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୯° ସେଲସିୟସ ଥିଲା। ଗତସପ୍ତାହରେ ଜିଲ୍ଲାରେ ୪୩.୩ ମିଲିମିଟର ବର୍ଷା ହୋଇଅଛି । ଡ୍ରେନେଜ୍ କଣା ଗୁଡିକ ବନ୍ଦକରନ୍ତୁ ଏବଂ ମଧ୍ୟମ ଜମିରେ ବୁଣାଯାଇଥିବା ଧାନରେ ପାଣିକୁ ସଞ୍ଚୟ କରି ରଖନ୍ତୁ । ଧାନ ଜମିରେ ପିଲଅବସ୍ଥାରେ ୨ ରୁ ୩ ସେମି ଠିଆ ପାଣି ରଖନ୍ତୁ । ବୁଣାଧାନ ୪୫ଦିନରୁ ଅଧିକ ହୋଇଯାଇଥିଲେ ବେଉଷଣ କରନ୍ତୁ ନାହିଁ । ଫସଲମାନଙ୍କରେ ନିୟମିତ ଭାବରେ ରୋଗ ଏବଂ ପୋକର ସର୍ବେକ୍ଷଣ କରନ୍ତୁ । ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଥିବା ଗୁହାଳରେ ରଖନ୍ତୁ । ଗାଈଗୋରୁମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଗୋଖାଦ୍ୟ ଓ ପାଣି ଦିଅନ୍ତୁ ଓ ଅତ୍ୟଧିକ ବର୍ଷା ଦାଉରୁ ସୁରକ୍ଷିତ ରଖନ୍ତୁ । |

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

| |
|---|
| ବର୍ଷାପରେ ପନିପରିବା ଫସଲରେ ଝାଉଁଳା ଓ ମୂଳସଢା ଦେଖାଦେବାର ସମ୍ଭାବନା ଅଛି ତେଣୁ ବର୍ଷାଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ Metalaxyl+Mancozeb ଓ ୧.୫ ଗ୍ରାମ Streptocycline କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ । |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ମକା | ମକା ଗଛରେ ଫଲ ଆର୍ମି ୱର୍ମ କିମ୍ବା ଅଣ୍ଡାପୁଞ୍ଜ ଦେଖିବା ମାତ୍ରେ ହାତରେ ନଷ୍ଟ କରିଦିଅନ୍ତୁ । ଜୈବିକ ଉପାୟରେ ମକା ଫସଲରେ ଫଲ ଆର୍ମି ୱର୍ମ କୀଟର ପରିଚାଳନା ପାଇଁ ଏକରପ୍ରତି ୧୨୦୦ ଗ୍ରାମ ବିୟୁଭେରିଆ ବାସିଆନା ନାମକ ଜୈବ କୀଟନାଶକକୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକରପ୍ରତି ୧୦-୧୨ଟି ବାଉଁଶ କଣି ବା ଶୁଖିଲା ଡାଳ ପୋତିଲେ ତାଉପରେ ଶିକାରୀ ପକ୍ଷୀଗୁଡିକ ବସି ଶୂକ ଏବଂ ଅଣ୍ଡାଗୁଡିକୁ ଖାଇଥାନ୍ତି । ଚଅଁର ଆସିବା ପୂର୍ବରୁ ଏହି ବାଉଁଶ କଣି ଗୁଡିକୁ କାଢି ଦିଅନ୍ତୁ । ମକା ଗଛର ପତ୍ର ସନ୍ଧାରେ ବାଲି, ମାଟି ଏବଂ ପାଉଁଶର ମିଶ୍ରଣକୁ ବିଞ୍ଚିଦିଅନ୍ତୁ, ଏହା କରିବା ଦ୍ଵାରା ପତ୍ରଗୁଡିକ ପୋକମାନଙ୍କର ଖାଇବା ପାଇଁ ଅରୁଚିକର ହୋଇଥାଏ । ରାସାୟନିକ ଉପାୟରେ ଏହିକୀଟର ନିୟନ୍ତ୍ରଣ ପାଇଁ ଏକରପ୍ରତି ୮୦-ଗ୍ରାମ Emamectin benzoate ନାମକ କୀଟନାଶକ କିମ୍ବା ୧୦୦ ମି.ଲି Spinetoram ନାମକ କୀଟନାଶକ ୮୦-ମି.ଲି. Chlorantraniliprole ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ତୁଳା | ପ୍ରାରମ୍ଭିକ ଅବସ୍ଥାରେ ଶୋଷକ ଜାତୀୟ କୀଟ ଯଥା ଜଉପୋକ, ଧଳାମାଛି ଓ ସବୁଜପତ୍ରଡିଆଁ ପୋକର ପରିଚାଳନା ପାଇଁ ଏକରପ୍ରତି ୬୦୦ମିଲି ନିମ୍ବଜାତ କୀଟନାଶକ ୧୫୦୦ପିପିଏମକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏକରପ୍ରତି ୮ଟି ଲେଖାଏଁ ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ । ପୋକଗୁଡିକର ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଶୋଷକ କୀଟଗୁଡିକର ପରିଚାଳନା ପାଇଁ ଏକରପ୍ରତି ୬୦ଗ୍ରାମ Flonicamid ନାମକ କୀଟନାଶକ କିମ୍ବା ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୮୦ଗ୍ରାମ Dinotefuran ନାମକ କୀଟନାଶକକୁ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ । |
| ମାଣ୍ଡିଆ | ରାଗି ଫସଲରେ ପତ୍ରଚିତା ଓ ପତ୍ରପୋଡା ରୋଗ ହେଲେ ପତ୍ରରେ ବାଦାମୀ ରଙ୍ଗର ଦେଖାଯାଇ ପତ୍ର ପୋଡାଳିଆ ଦେଖାଯାଏ । ଅତ୍ୟଧିକ ଆକ୍ରାନ୍ତ ଚାରା ମରିଯାଏ । କେଣ୍ଡା ଭାଙ୍ଗିଯାଏ ଏବଂ ତଳକୁ ଝୁଲି ରହେ । ଏହି ରୋଗର ପ୍ରତିକାର ପାଇଁ ଏକରପ୍ରତି ୪୦୦ଗ୍ରାମ Mancozeb ଓ Carbendazimର ମିଶ୍ରିତ ଔଷଧକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଧାନ | ଜୈବିକ ଉପାୟ ରେ ଜୀବାଣୁ ଜନିତ ପତ୍ର ପୋଡାରୋଗ ପରିଚାଳନା ପାଇଁ ଏକର ପ୍ରତି୨୦- କିଲୋଗ୍ରାମ ଗୋବର କୁ ୨୦୦ଲିଟର ପାଣିରେ ମିଶାନ୍ତୁଏବଂ ଏହି ମିଶ୍ରଣକୁ ଭଲ ଭାବରେ ଛାଣି ଆକ୍ରାନ୍ତ କିଆରିରେ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦-ଗ୍ରାମ କପର ହାଇଡ୍ରୋକସାଇଡ (Copper Hydroxide)ନାମକ ଔଷଧ ଯାହାକି କୋସାଇଡ ବା ହାଇ-ଡାଇସ (Kocide ବା Hi-Dice)ନାମରେ ମିଳୁଛି କିମ୍ବା ୨୦୦-ଗ୍ରାମ ପ୍ଲାଣ୍ଟୋମାଇସିନ (Plantomycin) ସହିତ ୬୦୦-ଗ୍ରାମ କପର ଓଗଜି କ୍ଲୋରାଇଡ (Copper Oxy Chloride)ନାମକ ଔଷଧ ଯାହାକି ବିଲଟୋକ୍ସ-୫୦ ବା ବ୍ଲୁ କପର |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | (Blitox-50 ବା Blue Copper)ନାମରେ ମିଳୁଛି, ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ବର୍ଷା ଛାଡିବା ପରେ ଧାନରେ ଲେଡା ପୋକର ଲାଗିବାର ସମ୍ଭାବନା ଅଛି। ଏହାର ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗ ଦେଖି ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫-ମି.ଲି ହିସାବରେ Lambda-cyhalothrin କିମ୍ବା ୨ ମିଲି ହିସାବରେ (Chlorpyriphos + Cypermethrin) ସିଂଚନ କରନ୍ତୁ। ପୋକ ଗଡିକ ରାତ୍ରିଚର ହୋଇଥିବାରୁ କୀଟନାଶକକୁ ଉପର ବେଳା କିମ୍ବା ସନ୍ଧ୍ୟା ସମୟସର ସିଂଚନ କରନ୍ତୁ। |
| ବିରି | ଧଳାମାଛି ସାହେବୀ ରୋଗର ବାହକ ଅଟେ। ମୁଗ ଓ ବିରି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ପ୍ରଥମେ ଅଧିକ ଆକ୍ରାନ୍ତ ହୋଇଥିବା ଗଛ ଗୁଡିକ ଉପାଡି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି ରୋଗର ବାହକ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦-ଟି ହଳଦିଆ ଅଠାଳିଆ ଯନ୍ତା ରଖନ୍ତୁ । ଧଳା ମାଛି ର ରାସାୟନିକ ଉପାୟ ରେପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବାଦାମ | ପତ୍ର ସୁଡଙ୍ଗୀ ପୋକ, ଜଉ ପୋକ, ପତ୍ର ଉକୁଣି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ କିମ୍ବା ୮୦-ଗ୍ରାମ ଏମାମେକଟୀନ ବେଞ୍ଜୋଏଟ (Emamectin Benzoate) ନାମକ କୀଟନାଶକ, ୨୦୦- ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଅମୃତଭଣ୍ଡା | ବର୍ତ୍ତମାନ ପାଗରେ ଦହିଆ ପୋକର ସଂକ୍ରମଣ ଦେଖା ଦେଇପାରେ । ନିୟନ୍ତ୍ରଣ ପାଇଁ ପ୍ରାଥମିକ ଅବସ୍ଥାରେ ଏକଲିଟର ପାଣିରେ ୦୩ମିଲି ଗ୍ରାମ ନିମ୍ବଆଧାରିତ କୀଟନାଶକ ଆଜାଡିରାକ୍ଟିନ୍ (୧୫୦୦ ପିପିଏମ୍) ମିଶାଇ ସିଂଚନ କରନ୍ତୁ । ସଂକ୍ରମଣ ମାତ୍ରା ଅଧିକ ହୋଇଥିଲେ ଏକ ଲିଟର ପାଣିରେ ୨ମି.ଲି ପ୍ରଫେନୋଫୋସ୍ ୫୦% ଇ.ସି କିମ୍ବା ୨ଗ୍ରାମ ଥାୟାମେଥୋକଜାମ୍ ୨୫% ଡବ୍ଲୁ.ଜି କିମ୍ବା ୩ ମି.ଲି ଇମିଡାକ୍ଲୋପ୍ରିଡ୍୧୭.୮% ଏସ.ଏଲ୍ କୁ ମିଶାଇ ସିଞ୍ଚନ କରନ୍ତୁ । |
| ବାଇଗଣ | ବର୍ତ୍ତମାନ ବାଇଗଣ ଫୁଲ ଧରିବାରୁ ଫଳ ଅବସ୍ଥାରେ ଅଛି । ବର୍ଷାଛାଡିଲା ପରେ ଏବଂ ଦିନ ଓ ରାତ୍ରି ତାପମାତ୍ରାରେ ବୃଦ୍ଧି, ସକାଳେ ଆପେକ୍ଷିକ ଆର୍ଦ୍ରତା ୭୦ପ୍ରତିଶତରୁ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ବାଇଗଣରେ କାଣ୍ଡ ଏବଂ ଫଳ ବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳଗୁଡିକ ସଂଗ୍ରହକରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି ପୋକର ପରିଚାଳନା ପାଇଁ ଏକରପ୍ରତି Leucin Lure ଥିବା ସଙ୍ଗ ଆକର୍ଷକ ଯନ୍ତ୍ରାରୁ ୮ଟି ରଖନ୍ତୁ । ବାଇଗଣ ଫସଲରେ ଯଦି ଶତକଡା ୪ ଭାଗ ଅଗ ଝାଉଁଳା ବା ଶତକଡା ୧୪ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକର ରାସାୟନିକ ପରିଚାଳନା ପାଇଁ ଏକରପ୍ରତି ୮୦ଗ୍ରାମ Emamectin Benzoate ନାମକ ଔଷଧ କିମ୍ବା ୮୦ମିଲି Chlorantraniliprole ନାମକ ଔଷଧ କିମ୍ବା ୨୦୦ମିଲି Spinetoram ନାମକ ଔଷଧକୁ ୨୦୦ଲିଟର କିମ୍ବା ୧୩ ଡ୍ରମ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ ଔଷଧକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ಮೆಣಸಿನಾಕಾಯಿ | ବର୍ଷା ପରେ ଲଙ୍କା ଓ ବାଇଗଣରେ ଫଳପଚା ରୋଗ ଲାଗିବାର ସମ୍ଭାବନାଅଛି । ଏହି ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି carbendazim50% WP@ ୨ ଗ୍ରାମ କିମ୍ବା Copper oxycloride 50% WP@ ୩ ଗ୍ରାମ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଲଙ୍କା | ବର୍ଷା ପରେ ଲଙ୍କା ଓ ବାଇଗଣରେ ଫଳପଚା ରୋଗ ଲାଗିବାର ସମ୍ଭାବନାଅଛି । ଏହି ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି carbendazim50% WP@ ୨ ଗ୍ରାମ କିମ୍ବା Copper oxycloride 50% WP@ ୩ ଗ୍ରାମ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| କାଓପିଇ | ପ୍ରାରମ୍ଭିକ ଅବସ୍ଥାରେ ଜଉ ପୋକର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୫ଗ୍ରାମ Verticilliumlecaniନାମକ ଜୈବ ବିଷ ମିଶାଇ ସିଂଚନ କରନ୍ତୁ । ଏହା ସହିତ ଏକର ପ୍ରତିChrysoperlacarneaର 5000 ଅଣ୍ଡାପୁଞ୍ଜ କରତ ଗୁଣ୍ଡ ସହ ମିଶାଇ କିଆରୀରେ ବିଞ୍ଚି ପାରିବେ । କିଆରୀରେ ଅନ୍ୟ ପରାଶ୍ରୟୀ ପୋକ ଯଥା ଇନ୍ଦ୍ରଗୋପୀ ଭୃଙ୍ଗ ଓ syrphid flyର ସଂରକ୍ଷଣ କରିବା ପାଇଁ ବ୍ଯବସ୍ଥା କରନ୍ତୁ । ଜଉପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୬୦ଗ୍ରାମ Thiamethoxam କିମ୍ବା ୫୦ଗ୍ରାମ Acetamipridନାମକ କୀଟନାଶକ , ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଭେଣ୍ଡୀ | ବର୍ତମାନ ସମୟରେ ଭେଣ୍ଡି ଫସଲ ରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ , ପତ୍ର ଡିଆଁ ପୋକ , ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ରହିଛି। ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦-ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନକି ଉପାୟରେ ଏହି କୀଟ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦ଗ୍ରାମ ଥିଆମିଥୋଗଜାମ (Thiamethoxam) ନାମକ କୀଟନାଶକ କିମ୍ବା ୫୦ଗ୍ରାମ ଏସିଟାମିପ୍ରିଡ (Acetamiprid) ନାମକ କୀଟନାଶକ କିମ୍ବା ୪୦୦ମିଲି ଟୋଲଫେନପାଇରାଡ (Tolfenpyrad) ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | ବର୍ଷା ଋତୁରେ ଛେଳି ଗୁହାଳ ଚଟାଣକୁ ଯଥାସମ୍ଭବ ପରିଷ୍କାର ଏବଂ ଶୁଷ୍କ ରଖନ୍ତୁ ।ସଫା କରିବା ପରେ, ଅତ୍ୟଧିକ ଆର୍ଦ୍ରତା ଦୂର କରିବା ଏବଂ ଜୀବାଣୁ ମାରିବା ପାଇଁ ଚଟାଣରେ ଚୂନ ପାଉଡର ସ୍ପ୍ରେ କରନ୍ତୁ । ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ କୀଟନାଶକ ଏବଂ ଟୀକାକରଣ କାର୍ଯ୍ୟସୂଚୀ ଅନୁସରଣ କରନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ଅଙ୍ଗୁଳିଆ ଯାଆଁଳ ଛାଡିବା ପରେ ସେମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡା ସମାନ ଅନୁପାତରେ ଛାଡିଥିବା ଯାଆଁଳ ଓଜନର ଶତକଡା ୫ ଭାଗ ଖାଇବାକୁ ଦିଅନ୍ତୁ । ଏହି ଖାଦ୍ୟରେ ମୋଟ ଖାଦ୍ୟର ଶତକଡା ୧ଭାଗ ଭିଟାମିନ୍ ଓ ଖଣିଜ ମିଶ୍ରଣକୁ ମିଶାଇ ଦିନରେ ଦୁଇଥର ଖାଇବାକୁ ଦିଅନ୍ତୁ । ଯାଆଁଳ ଛାଡିବା ପରେ ନିୟମିତ ଭାବେ ପାଣିର ପିଏଚ୍ ଏବଂ ତାପମାତ୍ରା ଯାଞ୍ଚ କରନ୍ତୁ । ପୋଖରୀ ପାଣିକୁ ବିଶୋଧନ କରିବା ପାଇଁ ଏକରପିଛା ୪୦କେଜି ଚୂନ ପକାନ୍ତୁ । ପୋଖରୀରେ ପ୍ଲାଙ୍କଟନ୍ ର ପରିମାଣ ବଢେଇବା ପାଇଁ ମାସରେ ଦୁଇଥର ଏକରପିଛା ୨୦୦କେଜି ଗୋବର ଓ ୪କେଜି ସୁପର ଫସଫେଟ୍ ପ୍ରୟୋଗ କରନ୍ତୁ। |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ବାର୍ଡ଼ଫ୍ଲୁ ଏକ ଭୂତାଣୁଜନିତ ରୋଗ । ଏଥିରେ କୁକୁଡ଼ା ଆଦି ପକ୍ଷୀମାନେ ବିଶେଷ ଭାବେ ଆକ୍ରାନ୍ତ ହୋଇଥାନ୍ତି । ରୋଗାକ୍ରାନ୍ତ ପକ୍ଷୀମାନଙ୍କର ପର, ଲାଳ, ମଳ ଇତ୍ୟାଦି ମାଧ୍ୟମରେ ଏହିରୋଗ ସଂକ୍ରମିତ ହୋଇଥାଏ । ବେଳେବେଳେ ଏହିରୋଗ କୁକୁଡ଼ା ମାନଙ୍କଠାରୁ ମଣିଷମାନଙ୍କୁ ସଂକ୍ରମିତ ହେବାର ସମ୍ଭାବନା ଥାଏ । କୁକୁଡ଼ାଘର ପ୍ରତିଦିନ ସଫାକରିବା ସହ ସେମାନଙ୍କ ଦାନା ଓ ପାଣି ପ୍ରତିଦିନ ବଦଳାନ୍ତୁ । ମରିଯାଉଥିବା କୁକୁଡ଼ା ଓ କାଉମାନଙ୍କୁ ଏଣେତେଣେ ନଫୋପାଡ଼ି ପୋତି ଦିଅନ୍ତୁ ଓ ଉକ୍ତ ସ୍ଥାନରେ ବ୍ଲିଚିଙ୍ଗ ସିଞ୍ଚନ କରନ୍ତୁ । ଏହା କଲା ବେଳେ ହାତରେ ଗ୍ଲୋବସ ଓ ମୁହଁରେ ମୁଖା ପିନ୍ଧନ୍ତୁ । ସଂକ୍ରମିତ ଅଂଚଳରୁ ବାହାର କୁକୁଡ଼ା, ବତକ, ଅଣ୍ଡା ଆଦି ଆଣନ୍ତୁ ନାହିଁ । |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଜେନେରାଲ ଡବିସିଏ | ଉପରୋକ୍ତ ପାଞ୍ଚଦିନର ପୂର୍ବାନୁମାନ ଆଧାରରେ ଚାଷୀଭାଇମାନେ ଆଗାମୀ ପାଞ୍ଚଦିନ ମଧ୍ୟରେ ରାଗି, ଜୱାର, ବାଜରା, ପୁଷ୍ଟିଶସ୍ୟ ଫସଲ, ମକା, କପା, ବାଇଗଣ, ଲଙ୍କା, ଝୁଡଙ୍ଗ, ବିନ୍ସ ଆଦି ଫସଲରୁ ଅତ୍ୟଧିକ ଜଳ ନିଷ୍କାସନ କରନ୍ତୁ । ଅଧିକ ଅମଳକ୍ଷମ ଧାନ କିସମ ପାଇଁ ପିଲାସାର ହିସାବରେ ଧାନ ରୋଇବାର ୩-ସପ୍ତାହ ବେଳକୁ ଏକରପ୍ରତି ୩୫ କିଲୋଗ୍ରାମ |

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ୟୁରିଆ ସାର ପ୍ରୟୋଗ କରନ୍ତୁ । ଶଙ୍କର ବା ହାଇବ୍ରିଡ ଧାନ ପାଇଁ ଏହି ସମୟରେ ଏକରପ୍ରତି ୪୨ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ମନେରଖନ୍ତୁ ସାର ପ୍ରୟୋଗ କରିବା ପୂର୍ବରୁ ଜମିରେ ଅଧିକ ଜଳଥିଲେ ନିଷ୍କାସନ କରନ୍ତୁ ଏବଂ ଘାସ ନିୟନ୍ତ୍ରଣ କରନ୍ତୁ । |
| ପ୍ଲାଣ୍ଟ ପ୍ରୋଟେକ୍ସନ | ସାହେବୀ ରୋଗର ବାହକ ଗୁଡିକର ପରିଚାଳନା ପାଇଁ ମଞ୍ଜି ଗଜାହେବାର ୧୦-୧୨ ଦିନ ପରେ ଏକରପ୍ରତି ୮-୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଏକରପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| □ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ୧. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ର ବୁଢା/ହଳଦିଆ ହୋଇଯାଇଥିବା ତଳ ପତ୍ର ଗୁଡିକୁ ଛିଣ୍ଡାଇ ନଷ୍ଟ କରି ଦିଅନ୍ତୁ । • ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । • ଡଙ୍କ ଜାତୀୟ ପନିପରିବା ଯେପରି ଜହ୍ନି, କଲରା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । • ଝାଉଁଳା ଓ ମୂଳସଢା ରୋଗ ଦେଖାଦେଲେ ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । ୨. ପନିପରିବା ତଳି ଘେରା ନଷ୍ଟ ହେବ • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ୩. ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଢେରା/ଭରା ଦିଅନ୍ତୁ । • ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । ୪ . ବୁଣା ବୁଣି, ସିଞ୍ଚନ ଓ ଫସଲରେ ପାଣି ମଡାଇବା ସାମୟିକ ଭାବରେ ସ୍ଥଗିତ ରଖନ୍ତୁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**